ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
Housing & Urban Development Department, Govt. of Odisha
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
**E-mail – municipalityjatni@gmail.com, Phone. No. 0674- 2490826**

**ସଂଖ୍ୟା 4022 / ତାରିଖ- 07 / 07 /୨୦୨୧**

## ବିଜ୍ଞପ୍ତି

ଏତଦ୍ଵାରା ଜଟଣୀ ପୌର ପରିଷଦ ଦ୍ଵାରା ୱାର୍ଡ ନଂ ୦୯ ର ବିଡିଏ ନୂଆ ବସ ଷ୍ଟାଣ୍ଡ ପଛ ପାଖରେ ୪୮ ଗୋଟି ନବ ନିର୍ମିତ ଭେଣ୍ଡିଙ୍ଗ ଜୋନର ଗୃହକୁ ସର୍ବ ସାଧାରଣଙ୍କ ଗୋଚରରେ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ଵାନ କରାଯାଉଅଛି । ଉକ୍ତ ଆବଣ୍ଟନରେ ସୀତାରାମ ଛକରେ ବ୍ୟବସାୟ କରୁଥିବା ଦୋକାନୀମାନେ ROB ନିର୍ମାଣ ପାଇଁ କ୍ଷତିଗ୍ରସ୍ତ ଯୋଗୁ ସେମାନେ ଉକ୍ତ ୪୮ ଗୋଟି ଘର ପାଇଁ ଦରଖାସ୍ତ ମାଧ୍ୟମରେ ଓ ନିମ୍ନଲିଖିତ ଚୁକ୍ତି (Term & conditions) ଅନୁଯାଇ ଆବେଦନ କରିପାରିବେ ଯାହାକି ମାସିକ ଭଡା ସୂତ୍ରରେ ପ୍ରଦାନ କରାଯିବ । ଏଣୁ ଇଚ୍ଛୁକ ଦୋକାନୀ ବନ୍ଧୁ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ଦରଖାସ୍ତ ସହିତ ସ୍ଥାୟୀ ଜମା ରାଶି (DD) ଟ. ୫୦,୦୦୦/- ( ପଚାଶ ହଜାର ଟଙ୍କା) ମାତ୍ର ର ଜମା ସାର୍ଟିଫିକେଟ( ଡ୍ରାଫ୍ଟ) ସହ ତା ୨୫.୦୯.୨୦୨୧ , ଅପରାହ୍ଣ ୪.୦୦ ଘଟିକା ସୁଦ୍ଧା ଦାଖଲ କରିବେ । ଯଦି ଆବଶ୍ୟକ ସ୍ଥଳେ ଉପଯୁକ୍ତ ଦରଖାସ୍ତ ନ ମିଳେ ତାହେଲେ ଅନ୍ୟ ଦରଖାସ୍ତକାରୀଙ୍କ ଆବେଦନକୁ ବିଚାରକୁ ନିଆଯିବ । ଏହାକୁ ଜଟଣୀ ପୌର ପରିଷଦ ଦ୍ଵାରା ଅଧିକୃତ କମିଟି ମାଧ୍ୟମରେ ଚୟନ କରାଯିବ ।

ନିୟମାବଳୀ :-

୧. ଉକ୍ତ ଦରଖାସ୍ତକାରୀ ସୀତାରାମ ଛକଠାରେ ଦୋକାନ କରିଥିବା ପ୍ରମାଣ ପତ୍ର ସହିତ ଆବେଦନ କରିବେ, ଯଥା ଟ୍ରେଡ଼ ଲାଇସେନ୍ସ,ଇଲେକଟ୍ରିସିଟି ବିଲ, ଡେଲି କଲେକ୍ସନ ରସିଦ ଇତ୍ୟାଦି ପ୍ରମାଣ ପତ୍ର ସଂଲଗ୍ନ କରିବେ ।

୨. ଦରଖାସ୍ତକାରୀ ନିଜର ଭୋଟ ପରିଚୟ ପତ୍ର, ଆଧାର କାର୍ଡ ନକଲ, ବ୍ୟାଙ୍କ ଆକାଉଣ୍ଟ ନକଲ
ସହିତ ଫେରସ୍ତଯୋଗ୍ୟ ଟ ୫୦,୦୦୦/- ର ଜମା ରାଶିର ମୂଳ ନକଲ ଯାହାକି ନିର୍ବାହୀ ଅଧିକାରୀ
ପୌର ପରିଷଦ, ଜଟଣୀ (in favour of the Executive Officer, Jatni Municipality) ଙ୍କ ନାମରେ
ହୋଇଥିବା ସହିତ ଦରଖାସ୍ତ ପ୍ରଦାନ କରିବେ । ଦୋକାନ ଗୃହ ଆବଣ୍ଟନ ପ୍ରକ୍ରିୟା ଶେଷ ହେବ ପରେ
ଏହାକୁ ଫେରସ୍ତ କରାଯିବ ଏବଂ ଯେଉଁ ମାନେ ଦୋକାନ ଗୃହ ପାଇବା ପରେ କୌଣସି କାରଣ
ବଶତଃ ଦୋକାନ ଗୃହ ଛାଡିବାକୁ ଚାହାନ୍ତି, ତେବେ ସେମାନେ ଦୋକାନ ଗୃହ ଫେରସ୍ତ କରି ବିନା ସୁଧ
ହାରରେ ମୂଳ ଟଙ୍କା ୫୦,୦୦୦/- ପାଇପାରିବେ

୩. ଦରଖାସ୍ତକାରୀ ସାଧା କାଗଜରେ ନିଜର ସହବିବରଣୀ ଦେଇ ଦରଖାସ୍ତ ପ୍ରଦାନ କରିବେ ।

୪. ଦରଖାସ୍ତକାରୀ ପ୍ରବେଶିକା ଦେୟ ଟ. ୨୦୦୦/- ଟଙ୍କା ପୌର ପରିଷଦ ରସିଦ ଓ ବ୍ୟାଙ୍କ ଡ୍ରାଫ୍ଟ
ମାଧ୍ୟମରେ ପୈଠ କରିପାରିବେ ଯାହାକି ପରବର୍ତ୍ତୀ ମୁହୁର୍ତ୍ତରେ ଫେରସ୍ତ କରାଯିବ ନାହିଁ ।

୫. ଦରଖାସ୍ତକାରୀ ନିଜର ଦରଖାସ୍ତ ସରକାରୀ କାର୍ଯ୍ୟ ଦିବସରେ ଦିନ ୧୦.୦୦ ଘଟିକା ସମୟରୁ
ସନ୍ଧ୍ୟା ୫.୦୦ ଘଟିକା ସମୟ ମଧ୍ୟରେ ଦରଖାସ୍ତ ପ୍ରଦାନ କରିବେ ଏବଂ ଏଥି ନିମନ୍ତେ ଆବଶ୍ୟକୀୟ
ରସିଦ ପ୍ରାପ୍ତ କରିପାରିବେ ଯାହାକି ଚୟନ କମିଟି ଦ୍ଵାରା ଆପଣ ଏହାକୁ ନିଜର ଅଧିକାର ପାଇଁ
ସାବ୍ୟସ୍ତ କରିପାରିବେ ।

ଉକ୍ତ ନୋଟିସ ବା ବିଜ୍ଞାପନ ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଥାଇ ନିର୍ବାହୀ ଅଧିକାରୀ, ଜଟଣୀ ପୌର ପରିଷଦ ବାତିଲ କରିପାରିବେ ।

**ନିର୍ବାହୀ ଅଧିକାରୀ**
**ପୌର ପରିଷଦ, ଜଟଣୀ**

Scanned with CamScanner

ଉପପତ୍ର ସଂଖ୍ୟା 4023 / ତାରିଖ 04/09/୨୦୨୧

ଏହାର ଏକକିତା ନକଲ **ପୌର କାର୍ଯ୍ୟାଳୟ ନୋଟିସ ବୋର୍ଡ/ ୱାର୍ଡ ଅଫିସ କାର୍ଯ୍ୟାଳୟ/ ପଂଚାୟତ ସମିତି ନୋଟିସ ବୋର୍ଡ଼/ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ** ଦର୍ଶେଇବା ନିମନ୍ତେ ପ୍ରେରଣ କରାଗଲା I

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଜଟଣୀ

ଉପପତ୍ର ସଂଖ୍ୟା 4024 / ତାରିଖ 04/09/୨୦୨୧

ଏହାର ଏକକିତା ନକଲ **ଡେପୁଟି ସେକ୍ରେଟାରୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱରଙ୍କ** ଅବଗତି ଏବଂ ୨ ଗୋଟି ଓଡ଼ିଆ ଖବର କାଗଜରେ ଆସନ୍ତା ତା ୦୬.୦୯.୨୦୨୧ ରିଖ ସୁଦ୍ଧା ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା / **ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ, ଖୋର୍ଦ୍ଧାଙ୍କ ଅବଗତି** ଏବଂ ଜିଲ୍ଲାସ୍ତରୀୟ ୱେବ୍ସାଇଟରେ (NIC ଖୋର୍ଦ୍ଧାରେ) ଦର୍ଶେଇବା ପାଇଁ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଜଟଣୀ

ଉପପତ୍ର ସଂଖ୍ୟା 4025 / ତାରିଖ 04/09/୨୦୨୧

ଏହାର ଏକକିତା ନକଲ **ଉପଜିଲ୍ଲାପାଳ, ଭୁବନେଶ୍ୱର ତଥା ପ୍ରଶାସକ, ଜଟଣୀ ପୌର ପରିଷଦଙ୍କ** ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଜଟଣୀ

ଉପପତ୍ର ସଂଖ୍ୟା 4026 / ତାରିଖ 04/09/୨୦୨୧

ଏହାର ଏକକିତା ନକଲ **ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, ଖୋର୍ଦ୍ଧାଙ୍କ** ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଜଟଣୀ

ଉପପତ୍ର ସଂଖ୍ୟା 4027 / ତାରିଖ 04/09/୨୦୨୧

ଏହାର ଏକକିତା ନକଲ **ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ** ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ଜଟଣୀ

Scanned with CamScanner